To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ



ବଲିଉଡ୍‌ର ବର୍ଷିଆନ୍ ଅଭିନେତା ଶଶୀ କପୁରଙ୍କ ଦେହାନ୍ତ ।

R.N.I. No.-42041/83 Vol-16, Issue No.155, ଭଦ୍ରକ, ମଙ୍ଗଳବାର, ୫, ଡିସେମ୍ବର ୨୦୧୭ ■ Bhadrak, Tuesday, 5 December 2017 Rs. 2.00 Pages-8

# ନବୀନ-ଦିଲ୍ଲୀପ୍ ସାଥ୍ ସାଥ୍ !

## କେନ୍ଦ୍ର ନଶୁଣିଲେ ରାଜ୍ୟ ନିର୍ମାଣ କରିବ ଦ୍ୱିତୀୟ ବ୍ରାହ୍ମଣୀ ପୋଲ



ଭୁବନେଶ୍ୱର, ୪।୧୨ (ସକାଳ ଖବର): କେନ୍ଦ୍ର ସରକାର ବ୍ରାହ୍ମଣୀ ନଦୀ ଉପରେ ପ୍ରସ୍ତାବିତ ଦ୍ୱିତୀୟ ପୋଲ ନିର୍ମାଣ ନକଲେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଉକ୍ତ ପୋଲ ନିର୍ମାଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଉକ୍ତ ପ୍ରସଙ୍ଗକୁ ନେଇ ସୋମବାର ଦିନ ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠ ବିଜେଡି ନେତା ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବ୍ରାହ୍ମଣୀ ନଦୀ ଉପରେ ରାଉରକେଲା ନିକଟରେ ଦ୍ୱିତୀୟ ପୋଲ ନିର୍ମାଣ ନେଇ ଆଲୋଚନା କରିଥିଲା । ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଏନେଇ କେନ୍ଦ୍ର ସରକାରଙ୍କ ସହ କଥା ହେବେ ବୋଲି ସମ୍ପୃକ୍ତ ପ୍ରତିନିଧି ମଣ୍ଡଳିକୁ ପ୍ରତିଶ୍ରୁତି ଦେଇଥିଲେ। ଯଦି କେନ୍ଦ୍ର ଏହା ପ୍ରତି ଗୁରୁତ୍ୱ ନଦିଏ ତେବେ ରାଜ୍ୟ ନିଜେ ଉକ୍ତ ପୋଲ ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କୁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ବିଜେଡି ନେତା ମଙ୍ଗଳା କିଷାନ କହିଛନ୍ତି ଯେ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଆମ ଜିଲ୍ଲାର ଦୁଃଖ ଜଣାଇଥିଲୁ। ଏହାସହ ଦ୍ୱିତୀୟ ବାହ୍ମଣୀ ବ୍ରିଜ୍ ପାଇଁ ରାଜ୍ୟ ପାଣ୍ଠିରୁ ଖର୍ଚ୍ଚ କରିବା ପାଇଁ ଦାବି କରିଥିଲୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଏଥିରେ ରାଜି ହୋଇଛନ୍ତି । ଏହା ମଧ୍ୟରେ କୌଣସି ରାଜନୀତି ନାହିଁ । ଜିଲ୍ଲାର ବିକାଶ ପାଇଁ ଆମେ ଏହି ଦାବି କରିଛୁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ବ୍ରାହ୍ମଣୀ ନଦୀ ଉପରେ ରାଉରକେଲା ନିକଟରେ ଦ୍ୱିତୀୟ ପୋଲ ନିର୍ମାଣ ପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଶୁଭ ଦେବାର ୪ ମାସ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପୋଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ଏ ନେଇ ରାଉରକେଲା ବିଧାୟକ ଦିଳିପ ରାୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରିଙ୍କୁ ଚିଠି ଲେଖି ନିଜ ଅସନ୍ତୋଷ ପ୍ରକାଶ କରି ସାରିଥିବା ବେଳେ ପ୍ରଧାନମନ୍ତ୍ରୀ ଏହାକୁ ମଜାକ୍ କରିଛନ୍ତି **(ପୃଷ୍ଠା-୭)**

### ଗଡକରୀଙ୍କୁ ନବୀନଙ୍କ ପତ୍ର

ଭୁବନେଶ୍ୱର : ଜାତୀୟ ରାଜପଥ ନମ୍ବର ୧୪୩ରେ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ପତ୍ର ଲେଖିଛନ୍ତି । ଏହି ସେତୁ ଲୋକ ମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ ହୋଇଥିବା କାରଣରୁ ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଏହି ପତ୍ରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଏନଏଚଏଆଇକୁ ନିର୍ଦ୍ଦେଶ ଦିଅନ୍ତୁ । ନ ହେଲେ ରାଜ୍ୟ ସରକାରଙ୍କୁ ଛଅ ଲେନ ବିଶିଷ୍ଟ ପୋଲ ନିର୍ମାଣ ପାଇଁ ଅନୁମତି ଦେବାକୁ ସେ ଏହି ପତ୍ର ଅନୁରୋଧ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ କୁମ୍ଭୀର କାନ୍ଦଣା : ଧର୍ମେନ୍ଦ୍ର

ନୂଆଦିଲ୍ଲୀ /ଭୁବନେଶ୍ୱର : - ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପାଇଁ କୁମ୍ଭୀର କାନ୍ଦଣା ବଦଳରେ ରାଜ୍ୟ ସରକାରଙ୍କର ଦାୟିତ୍ୱକୁ ପ୍ରଥମେ ନିର୍ବାହ କରନ୍ତୁ ବୋଲି ଟ୍ୱିଟ କରି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ,



ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କେନ୍ଦ୍ରର ଉଦାସୀନତା ଯୋଗୁ ନୁହେଁ ରାଜ୍ୟର ଜଙ୍ଗଲ ବିଭାଗର ବୈଧାନିକ ଅନୁମତି ପ୍ରଦାନ କରା ଯାଇ ନ ଥିବାରୁ ଏହି କାର୍ଯ୍ୟ ବିଳମ୍ବିତ ହୋଇଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ କରିବା ସହ ଏ ସମ୍ବନ୍ଧିତ ତଥ୍ୟ ସାର୍ବଜନୀନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନ କେନ୍ଦ୍ରକୁ ଏହି ସେତୁ ସମ୍ବନ୍ଧରେ ଚରମବାଣୀ ଶୁଣାଇଥିବା ବେଳେ ଶ୍ରୀ ପ୍ରଧାନ ଟ୍ୱିଟ କରି ବୀରମିତ୍ରପୁର ଠାରୁ ବାରକୋଟ ନୂଆ ଏନଏଚ -୧୪୩ ଓ ବ୍ରାହ୍ମଣୀ ଦ୍ୱିତୀୟ ସେତୁ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତ କହୁ ନାହାନ୍ତି ବୋଲି ସିଧା ସିଧା ଓ କଡା ଅଭିଯୋଗ ଆଣିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସେତୁ ନିର୍ମାଣ କ୍ଷେତ୍ରରେ ଯେଉଁ ବୈଧାନିକ ଅନୁମତି ରାଜ୍ୟ ସରକାରଙ୍କ ଠାରୁ ମିଳିବାର ଅଛି ତାହା ତୁରନ୍ତ ପ୍ରଦାନ କଲେ ଏହି ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ୨୫ ଅକ୍ଟୋବର, ୨୦୧୭ରେ ଦେବଗଡ ଡିଏଫଓଙ୍କ ଦ୍ୱାରା ଉଠା ଯାଇଥିବା ପ୍ରସଙ୍ଗର ଉତର ଦିଆଯାଇଥିଲେ ମଧ୍ୟ ଆବଶ୍ୟକୀୟ ଅନୁମତି ଏ ପର୍ଯ୍ୟନ୍ତ ମିଳି ନାହିଁ । ବଣାଇ ଡିଏଫଓଙ୍କ ଦ୍ୱାରା ବାରମ୍ବାର ବିଭିନ୍ନ ପ୍ରସଙ୍ଗରେ ଉତର ମଗା ଯାଇଥିବା ପ୍ରଶ୍ନର ଉତର ଦିଆ ଯିବା ପରେ ମଧ୍ୟ ଆହୁରି ଆପତି ୧୮.୦୯.୨୦୧୭ରେ ସଂପୃକ୍ତ ଡିଏଫଓଙ୍କ ଦ୍ୱାରା ଆହୁରି ଆପତି ଉଠା ଯାଇଛି । ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଦେବଗଡ ଓ ବଣେଇର ଡିଏଫଓ ମାନେ ଏକା ଥରରେ ନୁହେଁ ବାରମ୍ବାର ଭିନ୍ନ ଭିନ୍ନ ପ୍ରସଙ୍ଗରେ ଅଲଗା ଅଲଗା ପ୍ରଶ୍ନ ଓ ଆପତି **(ପୃଷ୍ଠା-୭)**

# ଚାଲିଲା ଜଗା ଆଖି ଖୋଲୁଛି କାଳିଆ



ନୂଆଦିଲ୍ଲୀ, ୪।୧୨ : ଡିସେମ୍ବର- କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା - କାଳିଆ ଅଲଗା ହେବା ପରେ ଏବେ ଧିରେ ଧିରେ ସେମାନଙ୍କ ଅବସ୍ଥାରେ ସୁଧାର ଆସୁଛି । ନୂଆଦିଲ୍ଲୀସ୍ଥିତ ଏମସ୍ ରେ ଚିକିତ୍ସାଧୀନ ଥିବା ଜଗା କାଳିଆଙ୍କ ମଧ୍ୟରୁ ଜଗା ମା'ର ହାତ ଧରି ଚାଲୁଛି । ବେଳେ ବେଳେ ମୁରୁକି ହସୁଛି। ସେହିପରି କାଳିଆର ସ୍ୱାସ୍ଥ୍ୟର ମଧ ଉନ୍ନତି ହେଉଛି। ବେଡରେ ଶୋଇଥିବା କାଳିଆ ଆଖି ଖୋଲିଛି। ଏନେଇ ଏମସ୍ ପକ୍ଷରୁ ଭିଡିଓ ଜାରି କରାଯିବା ପରେ ଜଗା କାଳିଆ ଜଲଦି ସୁସ୍ଥ ହେବା ନେଇ ଓଡିଶାବାସୀଙ୍କ ମନରେ ଦୃଢ ଆଶା ର ସଂଚାର ହୋଇଛି । ସୂଚନାଯୋଗ୍ୟ ଯେ ଗତ ଅକ୍ଟୋବର ୨୬ ତାରିଖରେ ଜଗା ଓ କାଳିଆଙ୍କୁ ଦୀର୍ଘ ୧୮ ଘଂଟାର ଅପରେସନ୍ ପରେ ୪୦ ଜଣିଆ ଡାକ୍ତରୀ ଟିମ୍ ଅଲଗା କରିବାରେ ସଫଳ ହୋଇଥିଲେ । ଅପରେସନରେ ପରେ ଦୁଇ ଭାଇଙ୍କୁ ଆଇସିୟୁରେ ରଖାଯାଇଥିଲା ।

# ଜିଏସଟିରୁ ଲାଭ ଉଠାଇଛି ଓଡ଼ିଶା: ଶଶିଭୂଷଣ

ଭୁବନେଶ୍ୱର,୪।୧୨ (ସକାଳ ଖବର): ଦୁଇ ଦିନର ଗୃହ ମୁଲତବି ପରେ ଆଜି ସ୍ୱାଭାବିକ ଭାବେ ବିଧାନସଭା ଆରମ୍ଭ ହୋଇଛି। ପ୍ରଶ୍ନକାଳରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଜିଏସଟି ଓ ରାଜସ୍ୱ ଆଦାୟ ନେଇ ଉତ୍ତର ରଖିଛନ୍ତି । ଜିଏସଟି ଲାଗୁ ପରେ ଓଡ଼ିଶା ଲାଭବାନ ହୋଇଥିବା ସେ ଉତ୍ତର ରଖିବା ସହ ଗତ ଜୁଲାଇରୁ ଅକ୍ଟୋବର ମାସ ମଧ୍ୟରେ ରାଜସ୍ୱ ବୃଦ୍ଧି ପାଇଥିବା ସେ ପ୍ରକାଶ କରିଛନ୍ତି। ଜିଏସଟି ଲାଗୁ ହେବା ପରେ ରାଜ୍ୟରେ ଟିକସ ଆଦାୟରେ ୨.୩ ପ୍ରତିଶତ ଅଭିବୃଦ୍ଧି ହୋଇଛି। ମୋଟ୍‌ରେ ୧୦୨୦ କୋଟି ଟଙ୍କା କ୍ଷତିଭରଣା ହୋଇଛି। ଶୂନ୍ୟକାଳରେ ବିରୋଧୀ ମୁଲତବୀ ପ୍ରସ୍ତାବ ଆଣିଥିଲେ। ବ୍ୟାପକ ସମସ୍ୟା ମଧ୍ୟରେ ଚାଷୀ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଣଦେଖା ଉପରେ କୃଷିମନ୍ତ୍ରୀ ଦାମୋଦର ରାଉତ ରଖିବାକୁ ଦାବି ହୋଇଥିଲା। ବାଚସ୍ପତି ଉଭୟ ବିରୋଧୀଙ୍କ ଚାଷ ଓ ଚାଷୀଙ୍କ ସମସ୍ୟା ନେଇ କଂଗ୍ରେସ ଆଗତ କରିଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିଛନ୍ତି।

# ପୁଣି ଅଡୁଆରେ ଭର୍ତ୍ତୃହରି

ଭୁବନେଶ୍ୱର, ୪।୧୨ (ସକାଳ ଖବର): ନିଜ ସ୍ତମ୍ଭ ଲେଖା ଓ ବୟାନବାଜିକୁ ନେଇ ପୁଣି ଥରେ ଅଡୁଆରେ ବିଜେଡି ସାଂସଦ ଭର୍ତ୍ତୃହରି ମହତାବ । ଯୀଶୁଙ୍କ ଜନ୍ମ ତାରିଖକୁ ଭୁଲ ବୋଲି କହି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମନରେ ଅସନ୍ତୋଷର କାରଣ ହୋଇଛନ୍ତି। କଟକର ଶ୍ରୀରାମଚନ୍ଦ୍ର ଭବନରେ ଗତ ରବିବାର ସନ୍ଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହର ମହତାବ ଯୋଗଦେଇଥିଲେ। ସେ କହିଥିଲେ ଯେ, ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବଡଦିନ ଭାବେ ପାଳନ କରନ୍ତି ମାତ୍ର ଏହା ପ୍ରକୃତରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ନୁହେଁ। ସେ ଏହା ମଧ୍ୟ କହିଥିଲେ ଯେ, ଖ୍ରୀଷ୍ଟଧର୍ମରେ ପୋପଙ୍କ ଆଧିପତ୍ୟ ବଢ଼ିବା ପରେ ଡିସେମ୍ବର ୨୫କୁ ବଡଦିନ ଭାବେ ପାଳନ କରାଯାଉଛି। ଯୀଶୁଙ୍କ ଚିତ୍ରକୁ ଦେଖିଲେ ତାହା ବାସ୍ତବ ନୁହେଁ ବୋଲି ଶ୍ରୀ ମହାତାବ କହିଥିଲେ ।

# ଅଧକ୍ଷଙ୍କ ପାଇଁ ରାହୁଲଙ୍କ ପଥ ପରିଷ୍କାର



ନୂଆଦିଲ୍ଲୀ,୪।୧୨: କଂଗ୍ରେସର ଯୁବରାଜ ରାହୁଲ ଗାନ୍ଧୀ ଦଳର ଅଧକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏପରିକି ତାଙ୍କ ବିରୋଧରେ କେହି ପ୍ରାର୍ଥୀ ହୋଇନଥିବା ଜଣାଯାଇଛି । ରାହୁଳ ନାମାଙ୍କନ ଦାଖଲ କରିବା ପରେ କଂଗ୍ରେସ ଶିବିରରେ ଖୁସିର ଲହରୀ ଖେଳିଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ରାହୁଲଙ୍କ ଅଧକ୍ଷ ପଦରେ ଗଦ୍‌ଗଦ୍ ହୋଇ କହିଛନ୍ତି ଯେ ରାହୁଳ ହେଉଛନ୍ତି ଦଳର ଡାର୍ଲିଂ । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ଗୁଜରାଟରେ ଧରମପୁର ନିର୍ବାଚନୀ ସଭାକୁ ସମ୍ବୋଧିତ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଔରଙ୍ଗଜେବ ଶାସନ ସହିତ ତୁଳନା କରିଛନ୍ତି। କିଛି ଦିନ ତଳେ କଂଗ୍ରେସର ବରିଷ୍ଠ ନେତା ମଣିଶଙ୍କର ଆୟର ଏକ ରାଷ୍ଟ୍ରୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ସମୟରେ ରାହୁଲଙ୍କ ରାଜ୍ୟାଭିଷେକକୁ ମୋଗଲ ସାମ୍ରାଜ୍ୟ ସହିତ ତୁଳନା କରିଥିଲେ । ତେବେ ସୋମବାର ଗୁଜରାଟର ଏକ ସଭାରେ ଭାଷଣ ଦେଇ ମୋଦି ମଣିଶଙ୍କର ଆୟରାଙ୍କ କଥାକୁ ମନେ ପକାଇଥିଲେ । ପ୍ରଧାନମନ୍ତ୍ରୀ ଧରମପୁରରେ ଆୟରଙ୍କ ଟିପ୍ପଣୀକୁ ଉଲ୍ଲେଖ କରି କହିଛନ୍ତି । **(ପୃଷ୍ଠା-୭)**



- ରାହୁଳ ଦଳର ଡାର୍ଲିଂ : ମନମୋହନ
- କଂଗ୍ରେସରେ ଔରଙ୍ଗଜେବ ରାଜୁତି ଆରମ୍ଭ : ମୋଦି

# ଗଙ୍ଗା -ଯମୁନାଙ୍କର ଗୋଟିଏ ହାର୍ଟ ଓ ଲିଭର

କଟକ /ଭୁବନେଶ୍ୱର, ୪।୧୨ (ସକାଳ ଖବର): ନୟାଗଡ଼ର ଯୋଡ଼ା ପେଟ ଶିଶୁ ଗଙ୍ଗା-ଯମୁନାଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ। ସେମାଙ୍କର ଗୋଟିଏ ହାର୍ଟ ଓ ଗୋଟିଏ ଲିଭର ରହିଛି । ସୋମବାର ସିଟି ସ୍କାନ ରିପୋର୍ଟ ଆସିବା ପରେ ଏହା ଜଣାପଡିଛି। କଟକ ଶିଶୁ ଭବନ ଅଧିକ୍ଷକ ଡାକ୍ତର ସରୋଜ ଶତପଥୀ ଏସମ୍ପର୍କରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତ ୧ ତାରିଖରେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଖଳିପାଟଣା ଗାଁର କିଶୋର କୁମାର ଦତଙ୍କ ସ୍ତ୍ରୀ ସୁମିତ୍ରା(୨୨) ଏକ ଘରୋଇ ଡାକ୍ତରଖାନାରେ ଯମଜ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ଉଭୟ ଶିଶୁ କନ୍ୟାଙ୍କ ମୁଣ୍ଡ ଓ ଗୋଡ ଅଲଗା ଅଲଗା ହୋଇଥିବା ବେଳେ ଛାତି ଓ ପେଟ ଲାଗି ରହଥିବା ଜଣାପଡିଥିଲା । ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମାଆ ଓ ଦୁଇ ଶିଶୁଙ୍କୁ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ପଠାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ଶିଶୁ କନ୍ୟାଙ୍କର ସମସ୍ତ ଚିକିତ୍ସା **(ପୃଷ୍ଠା-୭)**



ତମ ଭିତରେ ହବାକୁ ଥିବା ମୋ ଗତିକୁ ତୁମେ ନିଜ ଗତି ମାନୁଛ । ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ମୋ ଭିତରେ ରହିଥାଏ ଏବଂ ମୁଁ ତା ଭିତରେ ଭ୍ରମଣ କରେ ।



ହୁଣ୍ଡିର ଆୟ (୪.୧୨.୧୭)
୪,୫୦,୮୧୯

# ଚାଷୀ ସମସ୍ୟା ନେଇ ଗୃହ ସରଗରମ

- ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ବିରୋଧୀ ସଭ୍ୟଙ୍କ କକ୍ଷ ତ୍ୟାଗ
- ଚାଷୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରୁଛନ୍ତି ବିରୋଧୀ : କୃଷିମନ୍ତ୍ରୀ



ଭୁବନେଶ୍ୱର, ୪।୧୨ (ସକାଳ ଖବର): ଚାଷୀ ମାନଙ୍କର ସମସ୍ୟା ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଥିବାର ମୁଲତବୀ ଓ ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ ଉପରେ ହୋଇଥିବା ଦୀର୍ଘ ସାଢେ ୪ ଘଂଟାର ଆଲୋଚନା ଗୃହକୁ ସରଗରମ କରିଥିଲା। ଏହି ଆଲୋଚନା ବେଳେ ବିରୋଧୀ ଦଳ ନେତା ଏବଂ କୃଷି ମନ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହେବାର ଦେଖାଦେଇଥିଲା। ବିରୋଧୀ କଂଗ୍ରେସ ଓ ବିଜେପି କରିଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତର ନମିଳିବା ପ୍ରତିବାଦରେ ଉଭୟ ଦଳର ସଦସ୍ୟ ମାନେ କକ୍ଷ ତ୍ୟାଗ କରିଥିଲେ। ଏହି ଆଲୋଚନାରେ ବିରୋଧୀ ଦଳ ପକ୍ଷରୁ ବିରୋଧୀ ଦଳ ନେତାଙ୍କ ସମେତ ୬ଜଣ ସଭ୍ୟ ଅଂଶଗ୍ରହଣ କରିଥିବା ବେଳେ ଶାସକ ଦଳ ପକ୍ଷରୁ ୪ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ମନ୍ତ୍ରୀଙ୍କ ଉତର ପରେ ବାଚସ୍ପତି ଶ୍ରୀ ପ୍ରଦୀପ ଅମାତ ଏହି ପ୍ରସ୍ତାବକୁ ନାକଚ କରିଦେଇଥିଲେ ।ଅନ୍ୟପକ୍ଷରେ ଚାଷୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରନ୍ତୁନି ପାପ ହେବ ବୋଲି କୃଷିମନ୍ତ୍ରୀ ଡା. ଦାମୋଦର ରାଉତ ଉଭୟ କଂଗ୍ରେସ ଓ ବିଜେପିକୁ ସମାଲୋଚନା କରି ଗୃହରେ କହିଛନ୍ତି । ଯେଉଁମାନେ ଚାଷୀଙ୍କୁ ପ୍ରରୋଚିତ କରୁଛନ୍ତି ସବୁ ପ୍ରମାଣ ରହିଛି ବୋଲି ସେ କହିଛନ୍ତି । ସେହିପରି ଜଳ ସମସ୍ୟା ନେଇ କୃଷିମନ୍ତ୍ରୀ ରାଜ୍ୟ ସରକାରଙ୍କୁ ମଧ୍ୟ ଟାର୍ଗେଟ୍ କରିଛନ୍ତି । ୬୭ ପ୍ରତିଶତ ବର୍ଷା ଜଳ ସମୁଦ୍ରକୁ ଚାଲିଯାଉଛି। ସଂରକ୍ଷିତ ହୋଇପାରୁନି । ଏଥିପାଇଁ କିଏ ଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି । ସୋମବାର ଦିନ ବିଧାନସଭା ଶୀତକାଳୀନ ଅଧିବେସନର ପଂଚମ ଦିନରେ ବ୍ୟାପକ ସମସ୍ୟା ଭିତରେ ରାଜ୍ୟରେ ଚାଷୀ ଏବଂ ଏଥିପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଣଦେଖା ନେଇ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ନୋଟିସ୍ ଅଣାଯାଇଥିଲା। ଏଥିରେ ଅଂଶଗ୍ରହଣ କରି ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର କହିଥିଲେ ଯେ ରାଜ୍ୟରେ ଭାଗଚାଷୀଙ୍କ ସମସ୍ୟା ଉତ୍କଟ ହୋଇଛି । ଚାଷୀଙ୍କ ପାଇଁ ପେନସନ୍ , ପ୍ରାଇସ୍ ଓ ପ୍ରେଷ୍ଟିଜ୍ ବ୍ୟବସ୍ଥା କରିବା ଉଭୟ ସରକାରଙ୍କ ଦାୟିତ୍ୱ । ମାତ୍ର ସେମାନେ ତାହା କରୁନାହାନ୍ତି । ଓଡିଶାରେ ମରୁଡି , ଅଦିନିଆ ବର୍ଷା , ଚକଡା ପୋକରେ ନଷ୍ଟ ହୋଇଥିବା ଫସଲର ଭରଣା କରିବା ପାଇଁ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ସରକାର ଯେଉଁ ଘୋଷଣା କରିଛନ୍ତି ତାହା ଆଇନସମ୍ମତ କି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ଚାଷୀଙ୍କୁ ଏଭଳି ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଭୂଆଁ ବୁଲାଉନାହାନ୍ତି ତ ? ଅଧିକାଂଶ ଭାଗଚାଷୀ ସରକାରୀ ଜମିକୁ ଦଖଲ କରି ଚାଷ କରିଛନ୍ତି । ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁଯାୟୀ ସରକାର ସେମାନଙ୍କୁ କ୍ଷତିପୂରଣ ଦେଇ ପାରିବେ ନାହିଁ । ଆଇନ୍ ରେ ପରିବର୍ତନ ହେବା ନିହାତି ଜରୁରୀ । ଏହାଉପରେ ମନ୍ତ୍ରୀ ଗୃହରେ ସ୍ୱଷ୍ଟ ମତ ରଖିବା ଦରକାର ବୋଲି ଶ୍ରୀ ମିଶ୍ର ଦାବି କରିଥିଲେ। ସରକାର ଇତିମଧ୍ୟରେ ଯେଉଁ ମରୁଡି ସହାୟତା ଘୋଷଣା କରିଛନ୍ତି ତାହା ଧାନ ଉତ୍ପାଦନ ଖର୍ଚ୍ଚ ଠାରୁ କମ୍ । ତାହାସତ୍ୱେ ଗୃହରେ ସର୍ବସମ୍ମତି କ୍ରମେ ଧାନ କ୍ୟୁଂଟାଲ ପିଛା ୨୯୩୦ ଟଙ୍କା ପ୍ରସ୍ତାବ ନିଆଗଲା । ମାତ୍ର କେନ୍ଦ୍ର ସରକାର ୨୩୪୪ ଟଙ୍କା ଘୋଷଣା କଲେ । ଗୃହର ପ୍ରସ୍ତାବ ସମ୍ପର୍କରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ସମୟ ନଦେଇ ଓଡିଶା ପ୍ରତି ଅବହେଳା କରିଛନ୍ତି । ଅନ୍ୟପକ୍ଷରେ ତାରା ପ୍ରସାଦ ବାହିନୀପତି , ନବ ଦାସ , ରବି ନାରାୟଣ ନାୟକ , ପ୍ରଦୀପ ପୁରୋହିତ , ଅଂଶୁମାନ ମହାନ୍ତି ଚାଷ ଓ ଚାଷୀଙ୍କୁ ନେଇ ସରକାର ରାଜନୀତି କରୁଛନ୍ତି । ଲୋକ ଦେଖାଣିଆ ଭାବେ କୁମ୍ଭୀର କାନ୍ଦଣା କାନ୍ଦି ଡ୍ରାମା କରୁଛନ୍ତି । ଚାଷୀଙ୍କୁ ସୁରକ୍ଷା ନାହିଁକି ସରକାରଙ୍କର ସେମାନଙ୍କ ପ୍ରତି ଦରଦ ନାହିଁ । ଚାଷୀ ଆତ୍ମହତ୍ୟା ପାଇଁ **(ପୃଷ୍ଠା-୭)**

# ବରଗଡରେ ଅସଦାଚରଣ ଭିଡିଓ ଭାଇରାଲ୍ ଘଟଣାରେ ଆଉ ୨ ଗିରଫ

ବରଗଡ,୪।୧୨ (ସକାଳ ଖବର): ବରଗଡ଼ ଜିଲ୍ଲା ପଦ୍ମପୁର ଅଂଚଳରେ କଲେଜ ଛାତ୍ରୀଙ୍କୁ ବିବ୍ ରାସ୍ତାରେ ଅସଦାଚରଣର ଭାଇରାଲ୍ ଭିଡ଼ିଓ ଘଟଣାରେ ଆଉ ୨ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜିତୁ ବେହେରା ଓ ମୁରଲୀ ବାରିକ। ପୋଲିସ୍ ଉଭୟଙ୍କୁ ପାଇକମାଳ ବୁକୁରମୁଣ୍ଡାରୁ ପୋଲିସ୍ ଗିରଫ କରିଥିବା ଜଣାପଡିଛି । ଏହାସହ ସମ୍ପୃକ୍ତ ଘଟଣାରେ ଗିରଫଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ସୂଚନାଯୋଗ୍ୟ ଯେ ଗତକାଲି ଏହି ଘଟଣାରେ ୨ଜଣ ଅଭିଯୁକ୍ତ ସାହିଲ ବାରିକ ଓ ନୂତନ ବାରିକଙ୍କୁ ଗିରଫ କରାଯାଇଥିଲା । ଶନିବାର ମଧ୍ୟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ସେମାନେ ହେଲେ ଉମାକାନ୍ତ ଭୋଇ, ଜୟପ୍ରକାଶ ଭୋଇ, ଅଜିତ ବାରିକ ଓ ହୁତାସନ୍ ହାତୀ । ଆଇଟି ଆକ୍ଟ ଅନୁସାରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବାସହ ପୀଡିତାଙ୍କର ବୟାନ ମଧ୍ୟ ରେକର୍ଡ କରାଯାଇଥିବା ପୋଲିସ୍ ଡିଜି ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମଧ୍ୟ ଉକ୍ତ ଘଟଣାରେ ଦୁଃଖ ପ୍ରକାଶ କରିଥିଲେ ।

# ନନ୍ଦନକାନନରେ କଲରାପତରିଆ ବାଘର ମୃତ୍ୟୁ



ଭୁବନେଶ୍ୱର, ୪।୧୨ (ସକାଳ ଖବର): ଭୁବନେଶ୍ୱର ନନ୍ଦନକାନନରେ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ମୃତ ବାଘର ବୟସ ୮ ବର୍ଷ । ଏହି କଲରାପତରିଆ ବାଘଟି ଗତକାଲି ଠାରୁ ଅସୁସ୍ଥ ହୋଇପଡ଼ିଥିଲା । ତେଣୁ ତାକୁ ଏକ ଆଇସୋଲେଟଡ୍ ଚାମ୍ବରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଭୋର ପ୍ରାୟ ୫ଟାରେ ତାର ମୃତ୍ୟୁ ଘଟିଥିଲା । ତେବେ ବାଘ ମୃତ୍ୟୁର **(ପୃଷ୍ଠା-୭)**

# Àÿæ f¿ÖÀÿêß œÿÀÿqœÿ ¨™æœÿ ÓæÀÿLÿê üÿs¯ÿàÿ ™þÉæÁÿæÀÿ xÿAæBFüÿF `ÿ¸ ßæœÿ

# ¯ÿÿ Iÿæ ¯ÿæ ¨æLÿ þæxÿ þÀÿ WÀÿ †ÿxÿàÿæ ¨A

# þQ¿þ¡êZÿ {µÿs{àÿ fæ¼ LÿæÉêÀÿÀÿ þ¡ê {ÿò™Àÿê fàÿüÿLÿÀÿ Aàÿê

## ™æþœÿSÀÿ ¯ÿ¨œÿ {þ{þæÀÿAæàÿ Lÿ{Lÿs s,ÿæ{þ+ D'ÿ¾æ¨†ÿ

## Fœÿ{Lÿ ÓóZÿ Ašä†ÿæ{Àÿ ¨o'ÿÉ A$ Aæ{ßæSZÿ ¨$þ {ÿvÿLÿ Aœÿ Iÿ†ÿ

## {ÓàÿÀÿ `ÿæÀÿ f~ œÿ{"ÉLÿZÿ ÀÿæDÀÿ{Lÿàÿæ BØæ†ÿ LÿæÀÿQæœÿæ ¨Àÿ'ÿÉœÿ



## þüÿÁÿæ ¯ÿ{Àÿæ™ê ÜÿóÓæ{Àÿ HxÿÉæ †ÿ†ÿêß ×æœÿ{Àÿ

## ÀÿYÿY ¨æB HYÉæLÿ {Lÿ¢ ÓÀÿLÿæÀÿAÿZÿ vÿæÀÿ {Lÿ~Ó ÓÜÿæß†ÿæ A$ þÀÿœÿÿÜÿ

## ¯ÿµÿæ{Àÿ ¯ÿÿ{Lÿs {Àÿÿàÿ Lÿæ{Sÿ Ašÿ{àÿ ÓÜÿæßLÿ Lÿ{Lÿs s,ÿæ{þ+

## ¯ÿµÿÿŸ W{ÀÿæB œÿÿÓó{Üÿæþ{Àÿ {ÀÿæSêZÿ {Éæ Ì~ Aµÿ{¾æS

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ